ପ୍ରେସ୍ ନୋଟ୍

# ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ନିମନ୍ତେ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ବୈଠକ ଅନୁଷ୍ଠିତ ।

ଅନୁଗୋଳ,ତା.୭.୬:- ଜିଲ୍ଲାରେ ଆସନ୍ତା ମୌସୁମୀ ବର୍ଷାର ପ୍ରଭାବରେ ପ୍ରବାହିତ ହେଉଥିବା ମହାନଦୀ ଓ ବ୍ରାହ୍ମଣୀରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି । ଏହି ବନ୍ୟାର ସଠିକ୍ ମୁକାବିଲା ନିମନ୍ତେ ବିଭାଗୀୟ ଅଧିକାରୀମାନେ ସଜାଗ ଓ ପ୍ରସ୍ତୁତ ରହିବାକୁ ଆଜି ଅପରାହ୍ନରେ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ବୈଠକ ଭର୍ଚୁଆଲ ପଦ୍ଧତିରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀ ରଜନୀକାନ୍ତ ସ୍ୱାଇଁ , ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ ଯୋଗ ଦେଇଥିଲେ । ଚଳିତ ମାସ୧୮ ତାରିଖରେ ଏକ ବୈଠକ ମାଧ୍ୟମରେ ସମସ୍ତ ବ୍ଲକ୍ ଓ ଜିଲ୍ଲା ସ୍ତରରେ ବିଭାଗୀୟ ଅଧିକାରୀମାନେ ସେମାନଙ୍କର ଆନୁସଂଗୀକ ସାମଗ୍ରୀ ଓ ଗୋଷ୍ଠୀ ସମ୍ପଦକୁ କିପରି ବ୍ୟବହାର କରି ସଜାଗ ଓ ପ୍ରସ୍ତୁତ ରହିବେ ସେ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ବନ୍ୟା ଆସିଲେ କିପରି ସର୍ବନିମ୍ନ କ୍ଷତି ହେବ ଓ ଲୋକମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯିବା ସହ ଖାଦ୍ୟ ସାମଗ୍ରୀ ସଠିକ୍ ଭାବେ ପହଂଚାଇବାକୁ ନେଇ ଆଜିର ବୈଠକରେ ଆଲୋଚନା ହୋଇଥିଲା । ଦୁର୍ବଳ ନଦୀବନ୍ଧକୁ ମରାମତି କରିବା ସହ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ସାମଗ୍ରୀ ଓ ଔଷଧ ମହଜୁଦ ରଖିବାକୁ ପରାମର୍ଶ ଦିଆଯାଇଛି । ବନ୍ୟା ସମ୍ପର୍କୀତ ପ୍ରତ୍ୟେକଟି ସୂଚନା ଜିଲ୍ଲା ଜରୁରୀକାଳିନ ବିଭାଗକୁ ନିୟମିତ ଜଣାଇବା ସହ କଣ୍ଟ୍ରୋଲ ରୁମ୍ ଜିଲ୍ଲା ଓ ବ୍ଲକ୍ ସ୍ତରରେ କାର୍ଯ୍ୟକାରୀ ହେବ । ସମସ୍ତ ଦେଶୀ ଡଙ୍ଗା ଓ ପାୱାର ବୋଟକୁ ମରାମତି କରି ପ୍ରସ୍ତୁତ ରଖିବାକୁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ବନ୍ୟା ସମୟରେ ଲୋକମାନଙ୍କୁ ନିରାପଦ ସ୍ଥାନରେ ରଖିବା ସହ ସେମାନଙ୍କୁପାନୀୟ ଜଳ ଓ ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯିବା ନିମନ୍ତେ ପଦକ୍ଷେପ ନିଆଯିବ । ଏହି ଭର୍ଚୁଆଲ ବୈଠକରେ ଭୂ-ଅର୍ଜନ ଅଧିକାରୀ ଶ୍ରୀ ରତନ କୁମାର ଆଚାର୍ଯ୍ୟଙ୍କ ସମେତ ସମସ୍ତ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ , ତହସିଲଦାର ଓ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ,ଅନୁଗୋଳ ।**

ଜ୍ଞାପକ ସଂଖ୍ୟା ୩୩୦ ତା. ୦୭.୦୬. ୨୦୨୨ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ


INCUMBENCY CHART OF
ADDITIONAL DISTRICT MAGISTRATE (REVENUE)
ANGUL
ADDITIONA